यूनियन बैंक ऑफ इंडिया Union Bank of India

अच्छे लोग, अच्छा बैंक Good people to bank with

# ସାଇବର ମାୟାଜାଲ

.apk ଫାଇଲର ବିପଦରୁ ସାବଧାନତା କାର୍ଟୁନ ପୁସ୍ତକ : ଆଲେଖ





## ଆପଣଙ୍କ ସୁରକ୍ଷା ଆମର ସଙ୍ଗେ


ସାଇବର ସୁରକ୍ଷା ଉତ୍କୃଷ୍ଟତା କେନ୍ଦ୍ର




ରମେଶର ଫୋନରେ ୟୁନିୟନ ବ୍ୟାଙ୍କ ନାମରେ .apk ପୁରସ୍କାର ଫାଇଲ ଆସେ । ଏହା ଉପରେ କ୍ଲିକ କରିବା ରକ୍ଷକ ଦେଖିନିଏ
ରକ୍ଷକ - ଆରେ ଆରେ ଏ କ'ଣ କରୁଛ ତୁମେ ? ଏହି ଫାଇଲରେ କ୍ଲିକ କର ନାହିଁ (ସାବଧାନ କରିବାକୁ ଯାଇ କୁହେ)
U रKshak
U SuरKsha
ସାଙ୍ଗ-କିନ୍ତୁ କାହିଁକି ? ଦେଖୁ ନାହଁ, ୟୁନିୟନ ବ୍ୟାଙ୍କ ତରଫରୁ କେତେ ବଢ଼ିଆ ପୁରସ୍କାରର ସୁଯୋଗ ମିଳୁଛି ।
ରକ୍ଷକ-ଆରେ ଭାଇ, ଭଲ କରି ଦେଖ, ଏହା ତୁମକୁ ପାଲରେ ପକାଇବା ପାଇଁ ଏକ ଜାଲ ଅଟେ । ତୁମର ପରିଶ୍ରମ ଅର୍ଜିତ ଧନ ଓ ତୁମର ଅନ୍ୟ ସମସ୍ତ ବ୍ୟକ୍ତିଗତ ସୂଚନା ଚୋରୀ କରିବା ପାଇଁ
U रKshak
ମିତ୍ର-ସତେ ନା କ'ଣ (ଆଶ୍ଚର୍ଯ୍ୟର ସହିତ) କ'ଣ କହୁଛ ତୁମେ ? କିନ୍ତୁ ଏହାତ ବ୍ୟାଙ୍କରୁ ଆସିଛି ।
ସୁରକ୍ଷା-ଏହା ତ ଧୋକା ଭାଇ । ୟୁନିୟନ ବ୍ୟାଙ୍କ କେବେ ହେଲେ .apk/.cpa ଫାଇଲ କୌଣସି ପ୍ରକାରେ ପଠାଏ ନାହିଁ ।
U SuरKsha
?


ମିତ୍ର-ଗୋଟିଏ ମିନିଟ୍ ରହ । ଏଇ .apk ଫାଇଲ କି ଜିନିଷ ? ଆଉ ବ୍ୟାଙ୍କ ନାମରେ ଏହି ଜାଲିଆତି କିପରି ହେଉଛି ? ମୁଁ ତ କିଛି ବୁଝିପାରୁ ନାହିଁ (ବିସ୍ମିତ ହୋଇ ପଚାରୁଛି)
ରକ୍ଷକ-ଆଚ୍ଛା ତୁମେ ବଜାରରେ ୟୁନିଅନ ବ୍ୟାଙ୍କ ନାମରେ ଚାଲିଥିବା .apk/.cpa ଧୋକାବାଜି ବିଷୟ ଶୁଣିନାହଁ କି ?
U RKshak
ମିତ୍ର-ନା ମୁଁ ତ ଶୁଣି ନାହିଁ । କିନ୍ତୁ ତୁମ କଥାରୁ ଜଣାପଡୁଛି ଯେ ବ୍ୟାଙ୍କର ନାମରେ କିଛି ଅସାଧୁ ଲୋକ ଏଇ ଜାଲିଆତି କରୁଛନ୍ତି ।
U SuRKsha
ସୁରକ୍ଷା-ସମ୍ପୂର୍ଣ୍ଣ ସତ କଥା । ଏବେ ତୁମ ଦିମାଗର ବଲ୍‌ବ ଜଳିଲା ତାହା ହେଲେ ।
U SuRKsha
ରକ୍ଷକ-ଆଉ ଏଇ ଜାଲିଆତି ସାମାଜିକ ଗଣମାଧ୍ୟମ ଦ୍ୱାରା ଚାଲୁଅଛି ।


ମିତ୍ର-ଆଚ୍ଛା ହଁ, ଠିକ୍ ଏମିତି, ମୋର ଜଣେ ପରିଚିତକୁ ଆୟକର ବିଭାଗରୁ ରିଫଣ୍ଡ ଆଦେଶର ସୂଚନା ମିଳିଥିଲା
ଆଉ ତାଙ୍କୁ ମଧ୍ୟ .apk ଲିଙ୍କରେ କ୍ଲିକ କରିବାକୁ କୁହାଯାଇଥିଲା ।
ରକ୍ଷକ ଆଚ୍ଛା
U रKshak
ମିତ୍ର-କିନ୍ତୁ ହଠାତ୍ ତାଙ୍କର ମନେପଡିଗଲା ତାଙ୍କର ତ କୌଣସି ରିଫଣ୍ଡ ପାଇବାର ନଥିଲା । ଏହିପରି ସେ ଧୋକାରୁ ରକ୍ଷା ପାଇଗଲେ ।
ସୁରକ୍ଷା ଓ ରକ୍ଷକ ନିଜର ମିତ୍ରକୁ ସାଇବର ବିପଦର ସମ୍ଭାବ୍ୟ ପ୍ରଣାଳୀ ଓ ଏହାଠାରୁ କିପରି ରକ୍ଷା ମିଳିବ, ସେ କଥା ଜଣାଉଛନ୍ତି ।
ରକ୍ଷକ-ଏହାକୁ ସ୍ପୁଫିଙ୍ଗ ପ୍ରକ୍ରିୟା କୁହାଯାଏ । ଏହା ସାଇବର ଠକାମିର ଏକପ୍ରକାର ଅଟେ
ସେଥିପାଇଁ ଆଜିକାଲି ସାଇବର ସୁରକ୍ଷା ବିଷୟରେ ଅବଗତ ରହିବା ଜରୁରୀ ।



ମିତ୍ର-ଠିକ କହିଛ ଭାଇ, ମୁଁ ଏଇ ବିଷୟୟରେ ବିଶେଷ କିଛି ଜାଣେ ନାହିଁ । ତୁମେ ଯଦି ଜାଣ ମୋତ କହ, ମୁଁ ସବୁ ଜାଣିବାକୁ ଋହେଁ ।
U रKshak
ଏଇ .apk ଜାଲିଆତି କେମିତି ହୁଏ, ଏଥିରୁ ରକ୍ଷା ପାଇବାର କଣ ଉପାୟ ଏଥିରେ ପୀଡିତ ହେଲେ କାହାକୁ ସମ୍ପର୍କ କରିବାକୁ ହେବ ଇତ୍ୟାଦି
ରକ୍ଷକ ଓ ସୁରକ୍ଷା (ଉଭୟେ) ଏଥରକ ଠିକ କଥା କହିଛ ତୁମେ
ସୁରକ୍ଷା-ଆଉ ଶୁଣ, ମୋବାଇଲ କମ୍ପାନୀ ଗୁଡିକ ଗ୍ରାହକଙ୍କୁ ତୃତୀୟ ପକ୍ଷ ଆପ ବ୍ୟବହାର କରିବାର ସୁଯୋଗ ଦେଇ ଥାଆନ୍ତି
# सबको बताओ
#Safe with UBI
U रKshak
ରକ୍ଷକ-ଆଉ ଜାଲିଆତି କରିବା ଲୋକେ ଏହାର ଅପବ୍ୟବହାର କରି ଲାଭ ହାସଲ କରନ୍ତି ।



ରକ୍ଷକ-ମେଲିସିୟସ କୋଡଯୁକ୍ତ ଆପ ତିଆରି କରି .apk ଫାଇଲକୁ ଗଣମାଧ୍ୟମରେ ପ୍ରସାରିତ କରିଦିଅନ୍ତି ଓ ଅନେକ ବ୍ୟବହାରକାରୀ .apk ଫାଇଲ ଇଷ୍ଟେଲ କରିଦିଅନ୍ତି
ସୁରକ୍ଷା-ତୁମେ କ'ଣ ଜାଣ, ସ୍ପୁଫିଙ୍ଗ ପ୍ରେରକର ବିବରଣୀ ଏପରି ଭାବରେ ଲୁଚାଇ ରଖେ ଯେ, ଏହା କୌଣସି ବୈଧ ଓ ବିଶ୍ୱସନୀୟ ସୂତ୍ରରୁ ଆସିବା ପରି ମନେ ହୁଏ, ଯାହା ଦ୍ୱାରା ଏହି ସୂଚନା ଚୋରୀ କରାଯାଇପାରେ କିମ୍ବା ମେଲ ୱେୟାର ବ୍ୟାପ୍ତ ହୋଇପାରେ ।
U SuRKsha
ମିତ୍ର-ଏହାତ ବଡ ଭୟଙ୍କର କଥା କିନ୍ତୁ ଏହି ଜାଲିଆତି କରୁଥିବା ବ୍ୟକ୍ତିମାନେ ପୀଡିତ ବ୍ୟକ୍ତିଙ୍କର ଫୋନକୁ ନିୟନ୍ତ୍ରିତ କରନ୍ତି କିପରି ।
ସୁରକ୍ଷା-କହୁଛି-କହୁଛି, ଧୈର୍ଯ୍ୟଧର । ନକଲି App ଯେତେବେଳେ ଇନଷ୍ଟଲ ହୋଇଯାଏ, ଫୋନର ସମସ୍ତ ନିୟନ୍ତ୍ରଣ ହେକ କରିଥିବା ଜାଲିଆତି କଲା ଲୋକ ପାଖକୁ ଚାଲିଯାଇ ଥାଏ ।
U SuRKsha
ମିତ୍ର-ଓଃ ଏଇ କଥା ତାହାହେଲେ ।


ସୁରକ୍ଷା-ଏହାଦ୍ୱାରା ସମସ୍ତ ପ୍ରକାର ଟଙ୍କା ସମ୍ବନ୍ଧୀୟ କାରବାର ଓ ଜମାଧନ ଚୋରୀ କରିବାର ଓଟିପି ଓ ପିନ ସେ ପାଇଯାଏ ।
ରକ୍ଷକ-କିନ୍ତୁ ଏହା କେବଳ ନକଲି App ଇନଷ୍ଟଲ କରିବାରେ ସିମାବଦ୍ଧ ହୋଇ ରହେ ନାହିଁ ।
ସୁରକ୍ଷା-ସେମାନେ ଇମେଲ, ହ୍ୱାଟସ୍ ଏପପ୍ ବାର୍ତ୍ତା, ଫୋନ କଲ, ଭିଡିଓ କଲ ଓ ଏପରିକି ଡିପ୍‌ଫେକ୍ ଟେକନିକ ଦ୍ୱାରା, ସ୍ପଫିଙ୍ଗର ଉପଯୋଗ କରି ଲୋକମାନଙ୍କୁ ନିଜ ଜାଲରେ ଛନ୍ଦି ଦିଅନ୍ତି
ମିତ୍ର-(ଭୟଭୀତ ହୋଇ) ଆରେ ବାପରେ ତାହାହେଲେ ଆଗକୁ ?
?
U SuRKsha
ରକ୍ଷକ-ତାପରେ ତୁମର ସମସ୍ତ ସମ୍ବେଦନଶୀଳ ଡାଟା, ବ୍ୟାଙ୍କ ବିବରଣୀରୁ ନେଇ ବ୍ୟକ୍ତିଗତ ସୂଚନା ପର୍ଯ୍ୟନ୍ତ, ସବୁ ଚୋରୀ କରିବା ସମ୍ଭବ ହୋଇଯାଏ
U RKshak
ସୁରକ୍ଷା-ଯେଉଁଥିପାଇଁ ତୁମକୁ ଭୟଙ୍କର ହାନି ହୋଇପାରେ ।
ହାୟ ! ମୋ ପଇସା
U SuRKsha


ମିତ୍ର-ଆଚ୍ଛା, ଏହି ଜାଲିଆତିରୁ ରକ୍ଷା ପାଇବାର ଉପାୟ ସୁରକ୍ଷା ସୂତ୍ର କିଛଇ ?
ସୁରକ୍ଷା-ହଁ ଅଛି ଯେ, ଶୁଣ ।
U SuRKsha
# सबको बताओ
#Safe with UBI
U RKshak
ସର୍ବପ୍ରଥମେ ମନେରଖ ଯେ, ୟୁନିଅନ ବ୍ୟାଙ୍କ କେବେ ହେଲେ ଏସଏମଏସ୍, ଟେଲିଗ୍ରାମ, ଇମେଲ, ହ୍ୱାଟସ୍ ଏପରେ .apk/.cpa ଫାଇଲ ପଠାଏ ନାହିଁ କିମ୍ବା ଫୋନରେ ଆପଣଙ୍କର ସମ୍ବେଦନଶୀଳ ସୂଚନା ବିଷୟରେ ପଚାରେ ନାହିଁ ।
यूनियन बैंक Union Bank
ସବୁବେଳେ ଅଧିକୃତ app store ଯେପରିକି Google Play କିମ୍ବା Apple App Store ରୁ app download କରନ୍ତୁ ।
କୌଣସି Application କୁ download କରିବା ପୂର୍ବରୁ ତାହାର Reviews ଓ Developer କିଏ ତାହାକୁ ଯାଞ୍ଚ କରନ୍ତୁ ।
Application ରେ ଅନୁରୋଧ କରାଯାଇଥିବା ପ୍ରସଙ୍ଗର ସମୀକ୍ଷା କରନ୍ତୁ ଓ କେବଳ ଆବଶ୍ୟକୀୟ ଅନୁରୋଧକୁ ଅନୁମତି ଦିଅନ୍ତୁ ।


ଏବଂ Banking transaction ପାଇଁ ସାର୍ବଜନୀନ ସ୍ଥାନରେ ଉପଲବ୍ଧ free wifi network ର ବ୍ୟବହାର କରନ୍ତୁ ନାହିଁ ।
मॉल
କୌଣସି ଅଜଣା ଲିଙ୍କରେ କ୍ଲିକ କରନ୍ତୁ ନାହିଁ .apk file କୁ କେବେ ହେଲେ download କରନ୍ତୁ ନାହିଁ ।
ସଶକ୍ତ ପାସୱାର୍ଡ ବ୍ୟବହାର କରନ୍ତୁ ଓ ଯଥାସମ୍ଭବ multifactor authentication ସୁବିଧାର ଉପଯୋଗ କରନ୍ତୁ ।
U रKshak
U SurKsha
ଫୋନ ଚୋରୀ ହୋଇଗଲେ ବା ହଜିଗଲେ କିମ୍ବା ସାମାନ୍ୟ ପରିସ୍ଥିତିରେ ଅନ୍ୟ ବ୍ୟକ୍ତି ଦ୍ୱାରା ଏହାର ଅନଧିକୃତ ବ୍ୟବହାର ନ ହେବା ପାଇଁ Screenlock ର ବିଭିନ୍ନ ବ୍ୟବସ୍ଥା ଯଥା, Pin, Pattern, Biometric Locking Systemର ବ୍ୟବସ୍ଥା ପୂର୍ବରୁ କରିନିଅନ୍ତୁ ।
ଚୋର.. ଚୋର.. ଧର ଧର...
Messaging app ମାଧ୍ୟମରେ କାହାରିକୁ ନିଜର ବ୍ୟକ୍ତିଗତ ସୂଚନା ଦିଅନ୍ତୁ ନାହିଁ
ଆଧାର
ପିନ୍
କାର୍ଡ ଡିଟେଲସ୍
ସିଭିଭି


ମିତ୍ର-ମୁଁ ଗୋଟିଏ ସୁରକ୍ଷା tip ଦେବି କି ? ନିଜର Password ବା OTP ମଧ କାହାରିକୁ ଦିଅନ୍ତୁ ନାହିଁ ।
U SuरKsha
U रKshak
ସୁରକ୍ଷା-ତୁମେ ସମ୍ପୂର୍ଣ୍ଣ ଠିକ କହିଛ ମିତ୍ର
U SuरKsha
ରକ୍ଷକ-ଆଉ ଗୋଟିଏ କଥା । ନିଜର ମୋବାଇଲ ଓ laptop ରେ genuine software, antivirus ର ଉପଯୋଗ କରନ୍ତୁ ଏବଂ ତାହାକୁ ନିୟମିତ ରୂପେ ଅଦ୍ୟତନ (uptodate) କରନ୍ତୁ ।
ମିତ୍ର-ମୋର ଗୋଟିଏ ଜିଜ୍ଞାସା ରହିଛି । ଯଦି ଆମେ ୟୁନିଅନ ବ୍ୟାଙ୍କ ନାମରେ ସନ୍ଦିଗ୍ଧ ଜାଲିଆତିର ସୂଚନା ପାଇବୁ ତେବେ ଆମେ କ'ଣ କରିବୁ ?
U रKshak


ସୁରକ୍ଷା-ଏହା ବିଷୟରେ ତୁରନ୍ତ ରିପୋର୍ଟ କରନ୍ତୁ । ବ୍ୟାଙ୍କ ନାମରେ SMS Whatsapp କିମ୍ବା Audio, Video Call ମାଧ୍ୟମରେ ପ୍ରାପ୍ତ ହୋଇଥିବା ଜାଲିଆତି ସୂଚନାକୁ (https://sancharsathi.gov.in/sfc) ରିପୋର୍ଟ କରନ୍ତୁ
ରକ୍ଷକ-ଏବଂ କୌଣସି ଆର୍ଥିକ ହାନି ହୋଇଥିଲେ cyber crime କୁ 1930 ରେ କଲ୍ କରି ସୂଚନା ଦିଅନ୍ତୁ ।
ସୁରକ୍ଷା- https://www.cybercrime.gov.in ରେ ନିଜର ଅଭିଯୋଗ ଦାଖଲ କରି ସାଇବର ପୋଲିସର ସହାୟତା ନିଅନ୍ତୁ ।
U RKshak
SuRKsha
ସୁରକ୍ଷା- ଆଉ ଏହିପରି ଅନେକ ସାଇ୍ର ସୁରକ୍ଷା ଜାଗରୁକତା Tips ଜାଣିବା ପାଇଁ ୟୁନିଅନ ବ୍ୟାଙ୍କର Corporate Site www.unionbankofindia.co.in ମେନୁ customer corner କୁ ଯାଇ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ସାଇବର ସୁରକ୍ଷା ଜାଗରୁକତା ମାର୍ଗଦର୍ଶିକା ନିଶ୍ଚିତ ଭାବରେ ଦେଖନ୍ତୁ ।
U SuRKsha
ମିତ୍ର-ଏସବୁ ଜଣାଇଥିବାରୁ ଧନ୍ୟବାଦ ଅର୍ଥାତ ସତର୍କତା ହିଁ ସମାଧାନ ।




ଶ୍ରୀ ଆଲୋକ ଭାର୍ଗବଙ୍କ ଦ୍ୱାରା ରେଖାଚିତ୍ରିତ ଏବଂ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁଖ୍ୟ ସୂଚନା ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ (CISO) ହାଇଦ୍ରାବାଦଙ୍କ ସମନ୍ୱୟରେ, ରାଜଭାଷା କାର୍ଯ୍ୟାନ୍ୱୟନ ପ୍ରଭାଗ, ମାନବ ସଂସାଧନ ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ ଦ୍ୱାରା ପ୍ରକାଶିତ ।

ଆଇ ପୋର୍ଟାଲ (https://sancharsathi.gov.in/sfc/): ବିଗତ ୩୦ ଦିନ ମଧ୍ୟରେ ଫୋନକଲ/ହ୍ୱାଟ୍ସଏପ/ଏସଏମଏସ ମାଧ୍ୟମରେ ପ୍ରାପ୍ତ ଯେ କୌଣସି ସନ୍ଦିଗ୍ଧ ଜାଲିଆତି ସମ୍ବନ୍ଧରେ ସଞ୍ଚାରକୁ ରିପୋର୍ଟ କରନ୍ତୁ ।

୧୯୩୦ରେ ଫୋନକଲ: ଆର୍ଥିକ ଜାଲିଆତି ହୋଇଥିବା ସ୍ଥିତିରେ କିମ୍ବା ସାଇବର ଅପରାଧ ସ୍ଥିତିରେ ୧୯୩୦ ନମ୍ବରରେ ଫୋନକଲ କରନ୍ତୁ ଅଥବା www.cybercrime.gov.in ରେ ଅଭିଯୋଗ କରନ୍ତୁ ।

ଜାଲିଆତି ସମ୍ବନ୍ଧୀ ବା ବିବାଦାସ୍ପଦ ନେଣଦେଣ ବିଷୟକ କ୍ଷେତ୍ରରେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ହେଲ୍ପ ଲାଇନ ନମ୍ବର ୧୮୦୦୨୨୨୨୪୩ (ଦେୟ ମୁକ୍ତ) କୁ ଯୋଗାଯୋଗ କରନ୍ତୁ ।

यूनियन बैंक ऑफ इंडिया Union Bank of India
अच्छे लोग, अच्छा बैंक Good people to bank with